ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଓଡ଼ିଶାର ସ୍ୱତନ୍ତ୍ର ହସ୍ତତନ୍ତ ମେଳା ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଉଦ୍‌ଘାଟିତ

## ହସ୍ତତନ୍ତର ବିପଣୀ ଏବଂ ବୁଣାକାରମାନଙ୍କର ବିକାଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୭/୦୮/୨୦୧୯

ଓଡ଼ିଶାର ସ୍ୱତନ୍ତ୍ର ହସ୍ତତନ୍ତ ମେଳାକୁ ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀ ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆଠାରେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ତ୍ରିପାଠୀ ଉତ୍କଳିକା, ବୟନିକା, ଅମ୍ଳାନ, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ବିଭିନ୍ନ ହସ୍ତତନ୍ତ ସମବାୟ ସମିତିମାନଙ୍କର ଷ୍ଟଲଗୁଡ଼ିକ ବୁଲି ସେମାନଙ୍କର ଉତ୍ପାଦ ଦେଖିଥିଲେ । ବୁଣାକାରମାନଙ୍କ ସହ ଆଲୋଚନା କରି ହସ୍ତତନ୍ତ ତିଆରି ପ୍ରଣାଳୀର ଆଧୁନିକୀକରଣ ଏବଂ ବଜାରରେ ବିକ୍ରିବଟା ଆଦି ବିଷୟ ଆଲୋଚନା କରିଥିଲେ ।

ପରେ ପରେ ସାମ୍ବାଦିକମାନଙ୍କର ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଥିଲେ ଯେ ଓଡ଼ିଶାରେ ପ୍ରାୟ ୩୦ରୁ ୩୫ ପ୍ରକାରର ହସ୍ତତନ୍ତ ବସ୍ତ୍ର ଓ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି । ଏଗୁଡ଼ିକ ରାଜ୍ୟର ବିଭିନ୍ନ ସହର ତଥା ଦେଶ ଓ ବିଦେଶରେ ବିଶେଷ ଆଦର ଲାଭ କରିଛି । ବୁଣାକାରମାନଙ୍କୁ ସେମାନଙ୍କର ଉତ୍ପାଦର ଲାଭଜନକ ମୂଲ୍ୟ ଦିଆଇବା ପାଇଁ ସୁବିଧା ସୃଷ୍ଟି କରିବା ସହ ସେମାନଙ୍କୁ ଅନ୍ୟାନ୍ୟ ବିକ୍ରିବଟା ସଂଯୋଗୀକରଣ କରାଇବା ରାଜ୍ୟ ସରକାରଙ୍କର ଏକ ଅଗ୍ରାଧିକାର ବିଷୟ । ଏହିପରି ସ୍ୱତନ୍ତ୍ର ମେଳାର ଆୟୋଜନ ଏ ଦିଗରେ ସହାୟକ ହେବ ।

ଏହି ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରିଥିଲେ । ଓଡ଼ିଶାର ହସ୍ତତନ୍ତର ଆଧୁନିକୀକରଣ, ଉତ୍ପାଦନ ବୃଦ୍ଧି ଏବଂ ବିକ୍ରିବଟା ବୃଦ୍ଧି ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭେଦୀ କାର୍ଯ୍ୟପନ୍ଥାକୁ ସମୟାନୁବନ୍ଧିତ ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଏହି ମେଳା କେନ୍ଦ୍ରୀୟ ହସ୍ତତନ୍ତ ମନ୍ତ୍ରଣାଳୟ ଏବଂ ରାଜ୍ୟର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଛି । ୟୁନିଟ୍-୩ ଇଡ୍‌କୋ ପଡ଼ିଆଠାରେ ଆୟୋଜିତ ଏହି ମେଳା ସେପ୍ଟେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ମେଳା ପ୍ରତିଦିନ ଦିବା ୧୧ ଘଟିକାଠାରୁ ରାତି ୯ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଖୋଲା ରହିବ ଏବଂ ଗ୍ରାହକମାନେ ଏହି ମେଳାରେ ସ୍ୱତନ୍ତ୍ର ସରକାରୀ ରିହାତିର ସୁବିଧା ପାଇବେ । ମେଳାରେ ସମ୍ବଲପୁରୀ, ମାଣିଆବନ୍ଧ, ଖଣ୍ଡୁଆ, ଟସର, ବମକାଇ, ସୋନପୁରୀ, କୋଟପାଡ଼ ଆଦି ଓଡ଼ିଶାର ହସ୍ତତନ୍ତ ପ୍ରସ୍ତୁତି ବସ୍ତ୍ର ଉପଲବ୍ଧ ହେଉଛି ।

ସୂଚନାଯୋଗ୍ୟ ଯେ ହସ୍ତତନ୍ତ ଉତ୍ପାଦର ବିକ୍ରିବଟା ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଇତି ମଧ୍ୟରେ ବିଭିନ୍ନ ଦେଶୀୟ ଓ ବୈଦେଶିକ କମ୍ପାନୀମାନଙ୍କ ସହ ବୁଣାକାର ସମିତିମାନଙ୍କୁ ଅନୁବନ୍ଧିତ କରିବାର ବ୍ୟବସ୍ଥା କରାଇଛନ୍ତି । ବୁଣାକାର ସମିତିମାନେ ସିଧାସଳଖ ସେମାନଙ୍କ ସହ କାରବାର କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି ।

ଏହି ଉତ୍ସବରେ ବୟନିକାର ସଭାପତି ଶେଷ କୁମାର ମେହେର, ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ଅତିରିକ୍ତ ସଚିବ ବୃନ୍ଦାବନ ବେହେରା, ଉତ୍କଳିକାର ଏମ୍.ଡି. ସତ୍ୟ ରଞ୍ଜନ ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ ।

ଡକ୍ଟର ଜ୍ୟୋତିର୍ମତୀ ସାମନ୍ତରାୟ
ସୂଚନା ଅଧିକାରୀ
ଉମାକାନ୍ତ ମହାପାତ୍ର
ସୂଚନା ଅଧିକାରୀ